ଶ୍ରେୟାସ୍ ମୃତ୍ୟୁ ଘଟଣା : ଆସିଲା ବ୍ୟବଚ୍ଛେଦ ରିପୋର୍ଟ, ଭିନ୍ନ ମୋଡ଼ ନେଲା ମାମଲା

ହାର୍ଟ ଓ ଫୁସ୍‌ଫୁସ୍‌ରେ ଲାଗିଛି ଆଘାତ

ଚିତ୍ତରଂଜନ ପଣ୍ଡା, ଭୁବନେଶ୍ୱର,୧୨।୧ :

ବିଶାଖାପାଟଣାର ଶ୍ରୀ ଚୈତନ୍ୟ କଲେଜ୍‌ର ଓଡ଼ିଆ ଛାତ୍ର ଶ୍ରେୟସ କେଶରୱାନୀଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ତାଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆଜି ପୁଲିସ୍‌ର ହସ୍ତଗତ ହୋଇଛି।

ଶ୍ରେୟସଙ୍କୁ ର୍‍ୟାଗିଂ ଓ ତାଙ୍କର ମୃତ୍ୟୁ ମାମଲାର ତଦନ୍ତ ପାଇଁ ଗତ ୨ ଦିନ ହେଲା ଓଡ଼ିଶାରେ ପହଞ୍ଚିଥିବା ବିଶାଖାପାଟଣା ପୁଲିସ୍‌କୁ ପୋଷ୍ଟମର୍ଟମ ରିପୋର୍ଟ ହସ୍ତାନ୍ତର କରିଛି କମିଶନରେଟ୍ ପୁଲିସ୍। ଏଥି ସହ ତଦନ୍ତକାରୀ ଟିମ୍ ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନାକୁ ଯାଇ ଯାଞ୍ଚ କରିଛି। ଭୁବନେଶ୍ୱର। କେୟାର ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଶ୍ରେୟସଙ୍କ ମୃତ୍ୟୁ ଘଟିବା ପରେ ଚନ୍ଦ୍ରଶେଖରପୁର ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରାଯାଇଛି।

ଆଭ୍ୟନ୍ତରୀଣ କ୍ଷତ ଯୋଗୁ ଶ୍ରେୟସଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଶ୍ରେୟସଙ୍କ ହାର୍ଟର ୨ଟି ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଏଥି ଯୋଗୁ ତାଙ୍କ ଫୁସ୍‌ଫୁସ୍‌ରେ ପାଣି ଜମି ରହିଥିଲା ଓ ଅଧିକ ରକ୍ତସ୍ରାବ ଯୋଗୁ ଫୁସ୍‌ଫୁସ୍‌ର ଏକ ରକ୍ତ ନଳୀରେ ରକ୍ତ ଜମାଟ ବାନ୍ଧି ଯାଇଥିଲା ବୋଲି ପୋଷ୍ଟମର୍ଟମ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ପୁଲିସ୍ କହିଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟରେ ତିନୋଟି ସ୍ଥାନରେ ଆଘାତ ଲାଗିଥିବା ସୂଚନା ଦେଇଛନ୍ତି କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଚିତ୍ତରଂଜନ ଦାସ। ବିଶାଖାପାଟଣାରୁ ପି ଏମ୍ ପାଲେମ୍ ଥାନା ଆଇଆଇସିଙ୍କ ନେତୃତ୍ୱରେ ଏକ ୪ ଜଣିଆ ପୁଲିସ୍ ଟିମ୍ ଭୁବନେଶ୍ୱରରେ ତଦନ୍ତ କରିବା ପରେ ରାଉରକେଲା ଯାଇଛନ୍ତି।

ଶ୍ରେୟାସଙ୍କୁ ପିଟି ପିଟି ମାରି ଗୁରୁତର କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଧମକ ଚମକ ଦିଆଯିବା ସହ ଏହି ଘଟଣା କାହାକୁ କହିଲେ ଜୀବନରୁ ମାରି ଦେବାକୁ କୁହାଯାଇଥିଲେ। ଶ୍ରେୟାସ୍‌ର ମୃତ୍ୟୁକୁ ପରିବାର ଲୋକେ ସହଜରେ ବିଶ୍ୱାସ କରିପାରିନଥିଲେ। ତାଙ୍କ ପୁଅକୁ କଲେଜରେ ର୍‍ୟାଗିଂ କରି ପିଟି ପିଟି ମାରି ଦେଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଆରମ୍ଭ କରିଥିଲା ଛାନ୍‌ଭିନ୍। ଅନ୍ୟ ପଟେ ମୃତ ଶ୍ରେୟାସ୍‌ଙ୍କ ପରିବାର ଲୋକେ ପୁଅର ମୃତ୍ୟୁ ଘଟଣା ଉପରୁ ପୁଲିସ ପରଦା ହଟାଇ ଅଭିଯୁକ୍ତମାନଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଅନ୍ୟ ପଟେ ମୋବାଇଲ ଭିଡ଼ିଓକୁ ନେଇ ଯଦି ତଦନ୍ତ କରାଯାଏ ତେବେ ଆହୁରି ଅନେକ ତଥ୍ୟ ପଦାକୁ ଆସିବ ବୋଲି ମୃତ ଛାତ୍ରଙ୍କ ପିତା ଶୈଳେଶ କେଶରୱାନୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଡିସେମ୍ବର ମାସରେ ଶ୍ରେୟାସଙ୍କୁ ତାଙ୍କ ସାଙ୍ଗମାନେ ପ୍ରଶାନ୍ତି ହଷ୍ଟେଲରେ ନିର୍ଯାତନା ଦେଇଥିଲେ।

କୁଆଡ଼େ ଗଲା ୪୧.୫୮ କୋଟିର ଚାଉଳ !

ମାମଲା କରି ଚୁପ୍ ବସିଛି ଯୋଗାଣ ବିଭାଗ

ଭୁବନେଶ୍ୱର ୧୨।୧/ଏନ୍‌ଏନ୍‌ଏସ୍: ରାଜ୍ୟର ୨୨ ଜଣ ମିଲର୍ ୪୧.୫୮ କୋଟି ଟଙ୍କାର ଚାଉଳ ଫେରାଇ ନ ଥିବାବେଳେ ସେମାନଙ୍କ ବିରୋଧରେ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଏମାନଙ୍କ ବିରୋଧରେ ଯୋଗାଣ ନିଗମ ପକ୍ଷରୁ ବିଭିନ୍ନ ଥାନାରେ ଏତଲା ଦାଏର କରାଯାଇଥିବାବେଳେ ଅଦ୍ୟାବଧି ଏହି ମିଲର୍‌ମାନେ ଖୋଲାଖୋଲି ଭାବେ ସେମାନଙ୍କ ବ୍ୟବସାୟ ଚଳାଇଛନ୍ତି। ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା କରାଯାଇଥିଲେ ମଧ୍ୟ ଏହି ମିଲର୍‌ମାନେ ଚାଉଳ ଫେରାଇ ନ ଥିବା ଜଣାପଡ଼ିଛି। ୨ ବର୍ଷ ମଧ୍ୟରେ ମିଲର୍‌ମାନେ ସମୁଦାୟ ୪୧.୫୮ କୋଟି ଟଙ୍କାର ଚାଉଳ କାହିଁକି ଫେରାଇ ନାହାନ୍ତି, ସେ ସମ୍ପର୍କରେ ମଧ୍ୟ ସରକାରଙ୍କ ପାଖରେ କୌଣସି ସୂଚନା ନାହିଁ। କିନ୍ତୁ ଏହି ମିଲର୍‌ମାନଙ୍କୁ କଳା ତାଲିକାଭୁକ୍ତ କରାଯାଇଥିବା ଜଣାପଡ଼ିଛି। ଅଥଚ ଆଜି ଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

କଳାହାଣ୍ଡିର ମା’ ମାଣିକେଶ୍ୱରୀ ରାଇସ୍ ମିଲ୍, ଆର୍‌କେ ରାଇସ୍ ମିଲ୍, ମାଲକାନଗିରିର ଶିବଶଙ୍କର ରାଇସ୍ ମିଲ୍ ଏମାନଙ୍କ ଉପରେ ରହିଥିବା ଚାଉଳ ବାବଦ ବକେୟା ସରକାରଙ୍କୁ ପ୍ରଦାନ କରିଥିବାବେଳେ ଅନ୍ୟ ଚାଉଳ କଳଗୁଡ଼ିକ ବର୍ଷ ବର୍ଷ ଧରି ଚାଉଳ ବା ଏ ବାବଦରେ ଅର୍ଥ ସରକାରଙ୍କୁ ଫେରାଇ ନାହାନ୍ତି। ଏଥିପାଇଁ ସଂପୃକ୍ତ ମିଲର୍‌ମାନଙ୍କ ନାମରେ ଏତଲା ଦିଆଯାଇଛି। ଏହା ସହିତ କେତେକ ସ୍ଥାନରେ ସେମାନଙ୍କ ବିରୋଧରେ ସାର୍ଟିଫିକେଟ କେସ୍ କରାଯାଇଥିବା ସୂଚନା ମିଳିଛି। ଯୋଗାଣ ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ନୂଆପଡ଼ା ଜିଲ୍ଲାର ଲିଙ୍ଗରାଜ ରାଇସ୍ ମିଲ୍ ଉପରେ ୨.୬ କୋଟି ଟଙ୍କା ବକେୟା ରହିଥିବାବେଳେ ଗାୟତ୍ରୀ ରାଇସ୍ ମିଲ୍ ଉପରେ ୨.୧ କୋଟି ଟଙ୍କା ଓ ଗୁରୁ ରାମଦାସ ରାଇସ୍ ମିଲ୍ ଉପରେ ୫.୦୬ କୋଟି ଟଙ୍କା ବାକି ରହିଛି। ଅନୁରୂପ ଭାବରେ କଟକ ଜିଲ୍ଲାର ଚର୍ଚ୍ଚିକା ଫୁଡ୍ ଉପରେ ୧.୭ କୋଟି, ଗଞ୍ଜାମ ଜିଲ୍ଲାର ଫୁଲ ଠାକୁରାଣୀ ରାଇସ୍ ମିଲ୍ ଉପରେ ୧୭.୮୮ ଲକ୍ଷ, କଳାହାଣ୍ଡି ଜିଲ୍ଲାର ଗୌରୀ ରାଇସ୍ ମିଲ୍ ଉପରେ ୨.୩୨ କୋଟି, କୋରାପୁଟର ଦମୟନ୍ତୀ ରାଇସ୍ ମିଲ୍ ଉପରେ ୧.୩୬ କୋଟି, ସୋନପୁରର ନବୀନ ରାଇସ୍ ମିଲ୍ ଉପରେ ୧.୮୨ କୋଟି, ସମ୍ବଲପୁରର ବଜରଙ୍ଗବଲି ରାଇସ୍ ମିଲ୍ ଉପରେ ୨.୯୩ କୋଟି ଓ ମୋହିନୀ ରାଇସ୍ ମିଲ୍ ଉପରେ ୩.୮୭ କୋଟି ଟଙ୍କା ବକେୟା ରହିଛି। ସେହିଭଳି ଖୋର୍ଦ୍ଧା ଜିଲ୍ଲାର ମା’ ମଙ୍ଗଳା ରାଇସ୍ ଓ ଡାଲି ମିଲ୍ ଉପରେ ୧.୫୬ କୋଟି, ଜଗତସିଂହପୁର ଜିଲ୍ଲା ଏରସମାର ଲକ୍ଷ୍ମୀ ରାଇସ୍ ମିଲ୍ ଉପରେ ୩୭.୫ ଲକ୍ଷ, ଦେବଗଡ଼ର ବିଏମ୍‌ଆର୍ ରାଇସ୍ ମିଲ୍ ଉପରେ ୧.୯ କୋଟି, ବରଗଡ଼ର ମଣିକ୍ୟାମ ରାଇସ୍ ମିଲ୍ ଉପରେ ୩.୪୩ କୋଟି, ବାଲେଶ୍ୱରର ଲକ୍ଷ୍ମୀ ମଡର୍ଣ୍ଣ ରାଇସ୍ ମିଲ୍ ଉପରେ ୫୧.୭୪ ଲକ୍ଷ, ବରଗଡ଼ର ଜୟ ଜଗନ୍ନାଥ ଫୁଡ ପ୍ରଡକ୍ଟ ଉପରେ ୨.୧୩ କୋଟି ଟଙ୍କା ବକେୟା ରହିଛି।

‘ଓଡ଼ିଆ ଶିକ୍ଷକ ବିନା ଓଡ଼ିଆ ଶିକ୍ଷାର ଉନ୍ନତି ହେବନି’

ଭୁବନେଶ୍ୱର, ୧୨।୧/ଏନ୍‌ଏନ୍‌ଏସ୍: ମାତୃଭାଷା ଓଡ଼ିଆ ପଢ଼ାଇବା ପାଇଁ ରାଜ୍ୟର ସରକାରୀ ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନଥିବା ବେଳେ ଓଡ଼ିଆ ପିଲାଏ ଓଡ଼ିଆରେ ଭଲ କେମିତି କରିବେ ବୋଲି ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ା ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବ ଭଲ ଭାବରେ ଜାଣନ୍ତି ଯେ ଓଡ଼ିଆ ମାଧ୍ୟମ ସରକାରୀ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଶିକ୍ଷକ ପଦବୀ ନାହିଁ। ତେଣୁ ଭୂଗୋଳ ଶିକ୍ଷକ, ହିନ୍ଦୀ ଶିକ୍ଷକ, ଗଣିତ ଶିକ୍ଷକ ଏପରିକି ଖେଳ ଶିକ୍ଷକମାନେ ଓଡ଼ିଆ ପଢ଼ାଇଥାନ୍ତି। ଅଥଚ ହିନ୍ଦୀ, ଇଂରେଜୀ, ସଂସ୍କୃତ ଆଦି ଭାଷା ପଢ଼ାଇବା ପାଇଁ ସେଇ ସବୁ ସ୍କୁଲରେ ସ୍ୱତନ୍ତ୍ର ଶିକ୍ଷକ ରହିଛନ୍ତି। ଓଡ଼ିଶାରେ ଓଡ଼ିଆ ଶିକ୍ଷାପ୍ରତି ଏହି ଅବହେଳା ହେତୁ ଅଷ୍ଟମ ଶ୍ରେଣୀର ପିଲାଙ୍କର ଦ୍ୱିତୀୟ ଶ୍ରେଣୀର ଓଡ଼ିଆ ଜ୍ଞାନ ନାହିଁ। ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଆ ଶିକ୍ଷକଙ୍କୁ ସ୍କୁଲମାନଙ୍କରେ ନିଯୁକ୍ତି ନଦେଇ ସରକାର ଓଡ଼ିଆରେ ଭଲ କରିବା ପାଇଁ ପିଲାମାନଙ୍କୁ ବୃତ୍ତି ବା ପୁରସ୍କାର ପ୍ରଦାନ କଲେ ତା ଦ୍ୱାରା କ’ଣ ପିଲାମାନେ ଓଡ଼ିଆରେ ୮୦% ନମ୍ବର ରଖିପାରିବେ ? ସ୍କୁଲସ୍ତରରେ ଓଡ଼ିଆ ଶିକ୍ଷାର ଉନ୍ନତି ନଘଟାଇ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେଏହାର ଉନ୍ନତି ଆଶା କରିଲେ ଭୁଲ୍ ହେବ। ଗଛ ମୂଳରେ ସାର ଆଉ ପାଣି ନଦେଇ ସେଥିରୁ ଭଲ ଫୁଲ ଫଳ ଆଶା କରିବା ଯାହା ସରକାରଙ୍କର ଏ ଧରଣର ପ୍ରଚେଷ୍ଟା ସେଇଆ ବୋଲି ଶ୍ରୀ ପରିଡ଼ା କହିଛନ୍ତି। ଦ୍ୱିତୀୟତଃ ଓଡ଼ିଶାରେ ପ୍ରଶାସନ ଓ ନ୍ୟାୟାଳୟଠାରୁ ଆରମ୍ଭ କରି ବ୍ୟବସାୟ ବାଣିଜ୍ୟ ପର୍ଯ୍ୟନ୍ତ ସବୁକାର୍ଯ୍ୟ ଯଦି ଇଂରେଜୀରେ ଚାଲେ ଓଡ଼ିଆ ପିଲାଏ କାହିଁକି ଓଡ଼ିଆ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ। ରାଜ୍ୟର ସମସ୍ତ ପ୍ରଶାସନିକ ପରୀକ୍ଷା ଯଦି ଇଂରେଜୀରେ ହୁଏ ତେବେ ଓଡ଼ିଆ ପିଲାଟି ବୃତ୍ତି ବା ପୁରସ୍କାର ପାଇବା ଆଶାରେ ଓଡ଼ିଆରେ ଭଲ କଲେ ମଧ୍ୟ ତାହା ତା’ର ଜୀବିକା ଅର୍ଜନରେ ସହାୟକ ହେବନାହିଁ। ତେଣୁ ସରକାର ଓଡ଼ିଆ ପିଲାଙ୍କୁ ପୁରସ୍କାର ବା ବୃତ୍ତି ପ୍ରଦାନ କରିବା ସହିତ ସରକାରୀ ସ୍କୁଲମାନଙ୍କରେ ତୁରନ୍ତ ଓଡ଼ିଆ ଶିକ୍ଷକ ପଦବୀ ସୃଷ୍ଟି କରି ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଅନ୍ତୁ। ଅନ୍ୟ ରାଜ୍ୟ ପରି ଓଡ଼ିଶାର ପିଲାଙ୍କ ପାଇଁ ନିଜ ମାତୃଭାଷାକୁ ଜୀବନ ଜୀବୀକାର ଭାଷାରେ ପରିଣତ କରିବା ନିମିତ୍ତ ଓଡ଼ିଆ ଭାଷା ଆଇନକୁ କାର୍ଯ୍ୟକାରୀ କରାଯାଉ। ସରକାରୀ ସ୍କୁଲରେ ଓଡ଼ିଆ ଶିକ୍ଷକ ପଦବୀ ସୃଷ୍ଟି କରି ଓଡ଼ିଆ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବା ପାଇଁ ଆଗାମୀ ରାଜ୍ୟ ବଜେଟ୍‌ରେ ସ୍ୱତନ୍ତ୍ର ଅର୍ଥ ବରାଦ କରିବାକୁ ଶ୍ରୀ ପରିଡ଼ା ଦାବି କରିଛନ୍ତି। ଓଡ଼ିଆ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ଓ ପୁରସ୍କାର ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଶିଶୁ ଦିବସରେ ଘୋଷଣା କରିଥିଲେ। ଏହି ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ଗତ ୧୦ ତାରିଖରେ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ସହିତ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ଜାପାନ ରାଷ୍ଟ୍ରଦୂତଙ୍କ ଆଲୋଚନା

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଜାପାନର ରାଷ୍ଟ୍ରଦୂତ କେଞ୍ଜି ହିରାମାସୁ ଆଜି ସନ୍ଧ୍ୟାରେ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଶିଳ୍ପ ପ୍ରସାର ଓ ପୁଞ୍ଜି ବିନିଯୋଗ ପାଇଁ ଥିବା ଅନୁକୂଳ ପରିବେଶ ସମ୍ପର୍କରେ ହିରାମାସୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ଅକ୍ଟୋବରରେ ଜାପାନ ଗସ୍ତରେ ଯାଇଥିବା ଓଡ଼ିଶାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ସଫଳ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଅଧିକ ଜାପାନୀ ପୁଞ୍ଜି ବିନିଯୋଗ ପାଇଁ ପ୍ରସ୍ତାବ ଦେଇଥିଲେ। ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍‌ସ୍, ଇସ୍ପାତ, ଷ୍ଟେନ୍‌ଲେସ୍ ଷ୍ଟିଲ୍, ମୋଟର ଶିଳ୍ପ ଓ ଇଲେକ୍ଟ୍ରୋନିକ୍ସ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ତେଣୁ ଆଗାମୀ ନଭେମ୍ବରରେ

ଓଡ଼ିଶାରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮ରେ ଜାପାନକୁ ସହଯୋଗୀ ରାଷ୍ଟ୍ର ଭାବରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ। ଓଡ଼ିଶାରେ ବ୍ୟବସାୟ ଅନୁକୂଳ ପରିବେଶକୁ ହିରାମାସୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଜାପାନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ଶିକ୍ଷା ବିନିମୟ କାର୍ଯ୍ୟକ୍ରମ ସହିତ ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରାଯିବ ବୋଲି କହିଥିଲେ। ଏହି ଆଲୋଚନାରେ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ଜାପାନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ସିବିଆଇ ଚଢ଼ଉ

ଠକେଇ ଘଟଣାରେ ରେଳବାଇ ଅଧିକାରୀ ଗିରଫ

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ଠକେଇ ଓ ଜାଲିଆତି ଅଭିଯୋଗରେ ଗତ ୯ବର୍ଷ ଧରି ଫେରାର ଥିବା ରେଳବାଇ ଭୁବନେଶ୍ୱରର ପୂର୍ବତନ ୱାର୍କସ ଇନସ୍‌ପେକ୍ଟର ତଥା ଏବର ପଶ୍ଚିମବଙ୍ଗ ଆଲିପୁର ଡିଆର୍‌ଏମ୍ ଭାବେ ଅବସ୍ଥାପିତ ଆଲୋକ ଘୋଷଙ୍କୁ ଆଜି ଗିରଫ କରିଛି ସିବିଆଇ। ଶ୍ରୀ ଘୋଷଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରାଯିବା ପରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସିବିଆଇ ସୂତ୍ରରୁ ମିଳିଥିବା ସୂଚନାଅନୁଯାୟୀ, ୧୯୯୯ ମସିହା ପୂର୍ବରୁ ଶ୍ରୀ ଘୋଷ ଦକ୍ଷିଣପୂର୍ବ ରେଳବାଇ, ଭୁବନେଶ୍ୱରର ୱାର୍କସ ଇନସ୍‌ପେକ୍ଟର ଥିବା ବେଳେ ଅନ୍ୟ ଅଧିକାରୀଙ୍କ ସହ ମିଶି ଇସ୍ପାତ ଓ ସିମେଣ୍ଟ ବ୍ୟାଗ୍ କିଣାବିକାରେ ଠକେଇ କରିଥିବା ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ସିବିଆଇ ୧୯୯୯ ଅଗଷ୍ଟ ୨୦ରେ ଏକ ଠକେଇ ଓ ଜାଲିଆତି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶ୍ରୀ ଘୋଷ ଓ ତାଙ୍କ ସହଯୋଗୀ ୨୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ କରିଥିବା ସିବିଆଇ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ୨୦୦୨ ଜାନୁଆରୀ ୩୧ରେ ସିବିଆଇ ଉକ୍ତ ଠକେଇ ମାମଲାରେ କୋର୍ଟରେ ଚାର୍ଜସିଟ୍ ମଧ୍ୟ ଦାଖଲ କରିଥିଲା। କିନ୍ତୁ ଶ୍ରୀ ଘୋଷ ୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଫେରାର ଥିଲେ। ୨୦୦୮ ଜୁଲାଇ ୧୫ରେ କୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସିବିଆଇ ଆଲିପୁରସ୍ଥିତ ଚୌପାଥିରେ ଚଢ଼ଉ କରି ଶ୍ରୀ ଘୋଷଙ୍କୁ ଗିରଫ କରିଛି। ଅନ୍ୟ ସହଯୋଗୀମାନଙ୍କୁ ପୂର୍ବରୁ ଗିରଫ କରିସାରିଛି ସିବିଆଇ।

କ୍ରସରରେ ଦୁର୍ଘଟଣା: ଦୁଇ ଭାଇଙ୍କ ମୃତ୍ୟୁ

ବାଲିପଡା,୧୨।୧/ଏନଏନଏସ: ସଦରଥାନ ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମରେ ଥିବା ଲକ୍ଷ୍ମୀ ନାରାୟଣ କ୍ରସରରେ ଶୁକ୍ରବାର ଦିନ ୧୧ଟା ସମୟରେ ଏକ ଅଘଟଣ ଘଟିଯାଇଛି। ଏଠାରେ କାମ କରି ବିଶ୍ରାମ ନେଉଥିବା ବେଳେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣ ହେଲେ କାଳିଆ ସେଠୀ(୩୩) ଏବଂ ବାବୁ ସେଠୀ(୩୫) ଉଭୟେ ଦୁଇ ଭାଇ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ଅଶୋକ ମହାନ୍ତି ଏବଂ ସଦର ଥାନାଧିକାରୀ ଶିବଶଙ୍କର ମହାପାତ୍ର ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଉକ୍ତ କ୍ରସରରୁ ଗୋଡି ନେବା ପାଇଁ ଏକ ଟ୍ରାକ୍ଟର ପଛୁଆ କରି ଗାଡ଼ିଟିକୁ ନେବା ବେଳେ ନିକଟରେ ଥିବା ଏକ କାନ୍ଥକୁ ଧକ୍କା ଦେଇଥିଲା। ଫଳରେ ସିମେଣ୍ଟ ପଥରରେ ନିର୍ମିତ କାନ୍ଥଟି ବିଶ୍ରାମ ନେଉଥିବା ଦୁଇ ଜଣ ଶ୍ରମିକଙ୍କ ଉପରେ ପଡ଼ିଯାଇଥିଲା। ସିମେଣ୍ଟ ଇଟାରେ ଚାପି ହୋଇ ଘଟଣାସ୍ଥଳରେ ହିଁ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦୁଇ ଭାଇ ହିଞ୍ଜିଳି ଥାନା ଅନ୍ତର୍ଗତ ପଳାଶି ଗ୍ରାମର ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାର ଲୋକ ସେଠାରେ ପହଞ୍ଚି କ୍ରସର ମାଲିକଙ୍କୁ କ୍ଷତି ପୂରଣ ପାଇଁ ଦାବି କରିଛନ୍ତି। ପୁଲିସ୍ ଟ୍ରାକ୍ଟର ଡ୍ରାଇଭର ସୁବାସ ସାହୁଙ୍କୁ ଥାନାରେ ଅଟକ ରଖିଛି।

ଦୁଇଦିନିଆ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ

‘ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପ ନିଅ’

ଭୁବନେଶ୍ୱର,୧୨।୧/ଏନ୍‌ଏନ୍‌ଏସ୍: ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ଜନହିତକାରୀ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ କଠିନ ପରିଶ୍ରମ କରିବାର ସଂକଳ୍ପ ନିଅ ବୋଲି ଅତିଥିମାନେ ମତ ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଆରମ୍ଭ ହୋଇଥିବା ନିଦାନ, ସହାୟ, ଆମ କ୍ଲିନିକ୍, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆନୁଷଙ୍ଗିକ ବ୍ୟବସ୍ଥା ସମୂହର ସୁଦୃଢ଼ୀକରଣ, ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନସିକ ସ୍ୱାସ୍ଥ୍ୟ, ଜାତୀୟ ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ, ସୁରକ୍ଷିତ ରକ୍ତଯୋଗାଣ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଗ୍ରଗତି, କୁଷ୍ଠ ନିରାକରଣ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଲେ ମାଗଣା ରୋଗ ନିରୂପଣ(ନିଦାନ), ମାଗଣା ଡାଏଲେସିସ (ସହାୟ), ସ୍ୱାସ୍ଥ୍ୟ ସହାୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆନୁଷଙ୍ଗିକ ବ୍ୟବସ୍ଥା ସମୂହର ସୁଦୃଢ଼ୀକରଣ ଦରକାର। ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ଦିଗରେ ସିଡିଏମ୍‌ଓଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ଆଜି ଗ୍ଲୋବାଲ ଆଡଲ୍ଟ ତମାଖୁ ସର୍ଭେ ରିପୋର୍ଟ, ଫାକ୍ଟସିଟ୍ ଓଡିଶା ୨୦୧୬-୧୭ (ଗାଟ୍‌ସ୍-୨)କୁ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ଭିତରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବ୍ରଜକିଶୋର ବ୍ରହ୍ମା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଜେକେ ତ୍ରିପାଠୀ ଏବଂ ପ୍ରଫେସର ସୁଲଭ ପର୍ଶୁରାମନ୍ ପ୍ରମୁଖ ଉପସ୍ଥିତ ଥିଲେ।

ସନ୍ଧ୍ୟାବତୀ ଓ ମନ୍ଦାକିନୀ

‘ଓଏସ୍‌ସିପିସିଆର୍’ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୧୨ ।୧/ଏନ୍‌ଏନ୍‌ଏସ୍: ଓଡ଼ିଶା ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟଭାବେ ସନ୍ଧ୍ୟାବତୀ ପ୍ରଧାନ ଓ ମନ୍ଦାକିନୀ କରଙ୍କୁ ନିଯୁକ୍ତି ମିଳିଛି। ଏନେଇ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆନୁଷ୍ଠାନିକ ବିଜ୍ଞପ୍ତି ଜାରି ହୋଇଛି।

ସୁଶ୍ରୀ ପ୍ରଧାନଙ୍କୁ ଏହି ଆୟୋଗରେ ପୁନଃ ନିଯୁକ୍ତି ମିଳିଥିବା ବେଳେ ସୁଶ୍ରୀ କରଙ୍କୁ ନୂତନ ଭାବେ ନିଯୁକ୍ତି ମିଳିଛି। ଯୁବ ବିଜେଡି ଉପସଭାପତି ଭାବେ କାର୍ଯ୍ୟକରୁଥିବା ସୁଶ୍ରୀ କର ଏବେ ଜଟଣୀ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ଏନେଇ ଗତ ସପ୍ତାହରେ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଜାନୁଆରୀ ୧୦ ତାରିଖରେ ଆନୁଷ୍ଠାନିକ ବିଜ୍ଞପ୍ତି ଜାରିହୋଇଛି। ଏହି ନୂଆ ନିଯୁକ୍ତି ପାଇଁ ଉଭୟ ନେତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ତିନିଲକ୍ଷ ଟନ୍ ଦରକାର, ଉତ୍ପାଦନ ହେଉଛି ୫ ହଜାର

ସଙ୍କଟରେ ରାଜ୍ୟର ଲୁଣ ଶିଳ୍ପ

ଅର୍ଦ୍ଧେନ୍ଦୁ ଶେଖର ଭୁବନେଶ୍ୱର,୧୨।୧ :

ରାଜ୍ୟର ଲୁଣଶିଳ୍ପ ସଙ୍କଟ ଦେଇ ଗତି କରୁଛି। ୪୮୦ କିଲୋମିଟର ତଟୀୟ ରେଖା ରହିଥିବାବେଳେ ଚାହିଦା ମୁତାବକ ଲୁଣ ଉତ୍ପାଦନ ହୋଇପାରୁ ନାହିଁ।

ସରକାରୀ ପ୍ରୋତ୍ସାହନର ଅଭାବ କାରଣରୁ ଏହି ଶିଳ୍ପ ଧୀରେଧୀରେ ବୁଡ଼ିଯିବାକୁ ବସିଲାଣି। ସରକାରୀ ତଥ୍ୟ ଅନୁସାରେ ରାଜ୍ୟର ଖୁବ୍‌କମ୍ ଅଞ୍ଚଳରେ ବର୍ତ୍ତମାନ ଲୁଣମରା ଯାଉଥିବା ବେଳେ ପ୍ରତିବର୍ଷ ଏନେଇ ଉତ୍ପାଦନ କମିକମି ଆସୁଛି। ତା’ଛଡ଼ା ଏନେଇ କାମକରୁଥିବା ବହୁ କୋ ଅପରେଟିଭ୍ ସୋସାଇଟି ବର୍ତ୍ତମାନ ବନ୍ଦ ହୋଇସାରିଲାଣି। ବିଧାନସଭାରେ କ୍ଷୁଦ୍ର, ଅଣୁ ଏବଂ ମଧ୍ୟମ ଶିଳ୍ପ(ଏମ୍‌ଏସ୍‌ଏମ୍‌ଇ) ବିଭାଗ ଦେଇଥିବା ସୂଚନା ଅନୁସାରେ ବର୍ତ୍ତମାନ ସାରା ରାଜ୍ୟରେ ବାର୍ଷିକ ତିନିଲକ୍ଷ ଟନ୍ ଲୁଣ ଦରକାର ହେଉଛି। ମାତ୍ର ତା’ତୁଳନାରେ ଉତ୍ପାଦନ ହେଉଛି ୧୫ ହଜାର ଟନ୍। ୨୦୧୧ ମସିହାରେ ୧୦,୦୪୭ ଟନ୍ ଲୁଣ ଉତ୍ପାଦନ ହୋଇଥିବା ବେଳେ ୨୦୧୪ ମସିହାରେ ଏହା ୭,୪୦୦ ଟନ୍ ହୋଇଥିଲା। ସେହିଭଳି ଗତବର୍ଷ ଏହି ପରିମାଣ ଆହୁରି ତଳକୁ ୫ ହଜାର ୩ ଶହ ଟନକୁ ପହଞ୍ଚିଥିଲା। ଫଳରେ ରାଜ୍ୟ ସରକାରଙ୍କୁ ଲୁଣ ଆମଦାନୀ କରିବା ପାଇଁ ଗୁଜରାଟ୍ ଏବଂ ତାମିଲନାଡୁ ଉପରେ ନିର୍ଭର କରିବାକୁ ପଡୁଛି। ବିସ୍ତୀର୍ଣ୍ଣ ବେଳାଭୂମି ଥିବା କାରଣରୁ ଟିକିଏ ସରକାରୀ ପ୍ରୋତ୍ସାହନ ମିଳିଲେ ରାଜ୍ୟକୁ ବାହାରୁ ଲୁଣ ଆମଦାନୀ କରିବାକୁ ପଡ଼ନ୍ତା ନାହିଁ ବୋଲି ଏହି ଶିଳ୍ପ ସହିତ ଜଡ଼ିତ କିଛି ବ୍ୟକ୍ତି କହିଛନ୍ତି। ଗୁଜରାଟ ବାର୍ଷିକ ୨ କୋଟି ଟନ୍ ଲୁଣ ଉତ୍ପାଦନ କରୁଛି।

ତାମିଲନାଡୁ ୨୬ ଲକ୍ଷ ଟନ୍ ଏବଂ ରାଜସ୍ଥାନ ବାର୍ଷିକ ୧୮ ଲକ୍ଷ ଟନ୍ ଲୁଣ ଉତ୍ପାଦନ କରୁଛନ୍ତି। ଲୁଣ ସାଧାରଣ ଲୋକଙ୍କ ଖାଇବା ଠାରୁ ବିଭିନ୍ନ ଶିଳ୍ପସଂସ୍ଥା ଏବଂ ଦ୍ରବ୍ୟ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ବ୍ୟବହୃତ ହୋଇଥାଏ। ଏହି କାରଣରୁ ଲୁଣ ଉତ୍ପାଦନ ନେଇ ଟ୍ୟାକ୍ସ ଛାଡ଼ କରାଯାଇଛି। ମାତ୍ର ଓଡ଼ିଶାରେ ଏହି ଶିଳ୍ପ ଲାଭଜନକ ହୋଇନଥିବାରୁ କେତେକ ଘରୋଇ ସଂସ୍ଥା ସହିତ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟ ଲୁଣମରା ଠାରୁ ମୁହଁମୋଡ଼ି ଦେଲେଣି। ବର୍ତ୍ତମାନ ଏନେଇ ତିନିଟି ସମବାୟ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଆଦୌ ସେଭଳି କିଛି ସଂସ୍ଥା ନାହିଁ। ଲୁଣମରା ସଂସ୍ଥାଗୁଡ଼ିକ ବନ୍ଦ ହୋଇଯିବା କାରଣରୁ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁଲୋକ ବେରୋଜଗାର ହୋଇଯାଇଥିବା ଅଭିଯୋଗ ମଧ୍ୟ ହୋଇଛି।

୬୨ବର୍ଷରେ ପଦାର୍ପଣ କଲା ହୀରାକୁଦ, ପଟୁମାଟିରେ ପୋତି ହେଲାଣି ଜଳଭଣ୍ଡାରର ୨୮%

ଆଶଙ୍କାରେ ହୀରାକୁଦ ଭବିଷ୍ୟତ

ପ୍ରଫୁଲ୍ଲ ଦାଶ, ସମ୍ବଲପୁର,୧୨।୧ :

ବହୁମୁଖୀ ହୀରାକୁଦ ନଦୀବନ୍ଧ ପ୍ରକଳ୍ପକୁ ୬୧ ବର୍ଷ ପୂରି ୬୨ ବର୍ଷରେ ପଦାର୍ପଣ କରିଛି। ୬୧ ବର୍ଷରେ ହୀରାକୁଦରୁ ବହୁତ ପାଣି ନିଷ୍କାସିତ ହୋଇ ମହାନଦୀରେ ମିଶିଛି। ତା’ ସହିତ ମହାନଦୀ ଓ ହୀରାକୁଦ ତ୍ୟାଗ, ବଳିଦାନ, ଦୁଃଖରୁ ତିଆରି ହୋଇ ବିକାଶର ଅଳିନ୍ଦ ମଧ୍ୟ ଦେଇ ଏବେ ଦୁଇ ରାଜ୍ୟ ଓଡ଼ିଶା-ଛତିଶଗଡ଼ର ରାଜନୀତି ପଶାପାଲିରେ ଛନ୍ଦି ହୋଇଛି। ଏହା ମଧ୍ୟରେ ହୀରାକୁଦ ବନ୍ଧ ନିର୍ମାଣର ଉଦ୍ଦେଶ୍ୟ ପ୍ରତିହତ ହୋଇଥିବା ବେଳେ ଶିଳ୍ପକୁ ପାଣି ଏକ ପ୍ରକାର ଅଗ୍ରାଧିକାର ପାଲଟି ଥିବା ଚାଷୀକୁଳ ଅଭିଯୋଗ କରୁଥିବା ବେଳେ ସରକାରୀ ଆକଳନରେ ନଦୀବନ୍ଧ ୨୮ପ୍ରତିଶତ ପଟୁମାଟି ପୋତି ହୋଇ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଜଳ ବିଶାରଦ ମଧ୍ୟ ହୀରାକୁଦର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ୧୯୩୬ ମସିହାରେ ଓଡ଼ିଶାରେ ପ୍ରଳୟଙ୍କାରୀ ବନ୍ୟା ପରେ ମହାନଦୀରେ ବହୁମୁଖୀ ଯୋଜନାର ନଦୀବନ୍ଧ ନିର୍ମାଣ ପାଇଁ ୧୯୪୫ ମସିହାରେ ଡ. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପ୍ରସ୍ତାବ ଦେଇଥିଲା। ସ୍ୱାଧୀନ ଭାରତରେ ଏହି ନଦୀବନ୍ଧ ଦେଶର ବିକାଶମୂଳକ ପ୍ରଥମ କଂକ୍ରିଟ ପ୍ରକଳ୍ପ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହୋଇଥିଲା। ୧୪ ମାର୍ଚ୍ଚ, ୧୯୪୬ରେ ତତ୍କାଳୀନ ରାଜ୍ୟପାଳ ହଥର୍ଣ୍ଣ ଲୁଇସ ଏହାର ଶିଳାନ୍ୟାସ କରିଥିଲେ। ପୁଣି ୧୨, ଏପ୍ରିଲ ୧୯୪୮ରେ ଜବାହରଲାଲ ନେହରୁ ଏହାର ପ୍ରଥମ ନିର୍ମାଣ କାମର ଶିଳାନ୍ୟାସ କରିଥିଲେ।

୧୯୫୩ରେ ଏହାର ନିର୍ମାଣ ସଂପନ୍ନ ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନେହରୁ ପୁଣି ୧୩, ଜାନୁଆରୀ ୧୯୫୭ରେ ଆସି ଏହାର ଉଦ୍‌ଘାଟନ କରିଥିଲେ। ବୈଷୟିକ ସୂଚନା ଅନୁସାରେ ନଦୀବନ୍ଧର ଦୈର୍ଘ୍ୟ -୨୫.୭୯ କି.ମି., କଂକ୍ରିଟ୍- ଡ୍ୟାମ୍ ୪.୮ କି.ମି., କୃତ୍ରିମ ହ୍ରଦ- ୪୩ ବର୍ଗ କି.ମି., ଗଭୀରତା -୬୩୦ ଫୁଟ୍, ଡେଡ୍ ଷ୍ଟୋରେଜ - ୫୯୦ ଫୁଟ୍, ଜଳଧାରଣ ଅଞ୍ଚଳ - ୮୩,୪୦୦ ବର୍ଗ କି.ମି. ରହିଛି। ବହୁମୁଖୀ ପ୍ରକଳ୍ପ ଅନ୍ତର୍ଗତ ଜଳସେଚନ, ବିଦ୍ୟୁତ ଉତ୍ପାଦନ, ମାଛ ଚାଷ ଓ ବନ୍ୟା ନିୟନ୍ତ୍ରଣ ରହିଥିଲା। ପରବର୍ତ୍ତୀ ସମୟରେ ଶିଳ୍ପକୁ ଜଳଯୋଗାଣ ଯୋଡ଼ି ହେଇଯାଇଛି। ନଦୀବନ୍ଧ ନିର୍ମାଣ କାଳରେ ସାରା ଦେଶର ଶ୍ରମିକ କାର୍ଯ୍ୟ କରୁଥିଲେ ଓ କେତେକ ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁବରଣ କରିଥିଲେ। ସେହି ସହିଦମାନଙ୍କୁ ହୀରାକୁଦ ଜନ୍ମ ତିଥିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଏ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ. ସରୋଜ ପଣ୍ଡା କହିଛନ୍ତି। ନଦୀବନ୍ଧ ନକ୍ସା କାଳରେ ଯେଉଁ ପରିମାଣରେ ପଟୁମାଟି ଜଳଭଣ୍ଡାରକୁ ଆସିବ ବୋଲି ଆକଳନ କରାଯାଇଥିଲା ତାହା ଭୁଲ୍ ପ୍ରମାଣିତ ହୋଇଛି। ଆକଳନରୁ ଅଢ଼େଇ ଗୁଣ ଅଧିକ ହାରରେ ପଟୁମାଟି ଉପର ମୁଣ୍ଡରୁ ବୋହି ଆସି ଜମା ହେଉଛି, ଫଳରେ କ୍ୟାଚମେଣ୍ଟ ଏରିଆରେ ୨୮% ପଟୁମାଟି ପୋତି ହେଲାଣି ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ. ପଣ୍ଡା ନିତିଦିନକୁ କହିଛନ୍ତି। ହୀରାକୁଦ ଉପର ମୁଣ୍ଡରେ ଜଙ୍ଗଲ ନଷ୍ଟ, ଶିଳ୍ପାନୁଷ୍ଠାନ ଗଢ଼ି ଉଠିବା, ପାଣିପାଗରେ ପରିବର୍ତ୍ତନ, ବର୍ଷାର ଅସ୍ୱାଭାବିକ ଆଚରଣ ହିଁ ଅଧିକ ମୃତ୍ତିକା କ୍ଷୟ ପାଇଁ ଦାୟୀ ବୋଲି କହିଛନ୍ତି। ପୂର୍ବରୁ ଏହି ଡ୍ୟାମ୍‌ର ଆୟୁଷ ୧୦୦ ବର୍ଷ କୁହାଯାଉଥିଲା, ଏବେ ୨୮% ପୋତି ହୋଇଯାଇଥିବାରୁ ଏହାର ଆୟୁଷ ହ୍ରାସ ଘଟିଥିବା ପରିବେଶବିତ୍ ମତ ଦିଅନ୍ତି। ବିଶିଷ୍ଟ ଚାଷୀ ନେତା ଲିଙ୍ଗରାଜ ହୀରାକୁଦର ଭବିଷ୍ୟତ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଡ୍ୟାମର ୫୦ ବର୍ଷ ପୂର୍ତ୍ତି କାଳରେ ପାଣି ଅଧିକାର ନେଇ ଚାଷୀ ସଂଗଠନ ଆନ୍ଦୋଳନ ଆରମ୍ଭ କରି ଶିଳ୍ପକୁ ପାଣି ଯୋଗାଣକୁ ବିରୋଧ କରିଥିଲା। ଏବେ ମହାନଦୀ-ହୀରାକୁଦ ଓଡ଼ିଶା-ଛତିଶଗଡ଼ର ରାଜନୀତିରେ ପେଷି ହେଉଛି। ଯେଉଁ ଉଦ୍ଦେଶ୍ୟରେ ଲୋକେ ବାସଚ୍ୟୁତ ହୋଇଥିଲେ ଓ ଡ୍ୟାମ୍ ନିର୍ମାଣ ହୋଇଥିଲା, ତାହା ପ୍ରତିହତ ହୋଇଥିବା ଲିଙ୍ଗରାଜ କହିଛନ୍ତି। ତା ସହ ଏବେ ସଂଘର୍ଷ ଆଡ଼କୁ ଯାଉଛି ଓ ଆଗାମୀ ଦିନରେ ସକାରାତ୍ମକ ମୀମାଂସା ନ ହେଲେ ସଂଘର୍ଷ ସ୍ଥିତି ବଢ଼ିବ ବୋଲି କହିଛନ୍ତି। ଓଡ଼ିଶା ଜଳ ଅଭିଯାନର ଆବାହକ ତଥା ଜଳ ବିଶାରଦ ରଞ୍ଜନ ପଣ୍ଡା ମଧ୍ୟ ହୀରାକୁଦ ଭବିଷ୍ୟତ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ଗତ ୧୫ବର୍ଷ ହେଲା ସେ ହୀରାକୁଦ ବିପନ୍ନ ସ୍ଥିତି ନେଇ ସତର୍କ କରାଇ ଆସୁଛନ୍ତି। ମାତ୍ର ହୀରାକୁଦ ଉପରୁ ଚାପ ହ୍ରାସ ପରିବର୍ତ୍ତେ ବଢ଼ାଯାଉଛି ବୋଲି କହିଛନ୍ତି। ଉଦ୍ଦେଶ୍ୟ ପ୍ରତିହତ ହୋଇଛି, ବନ୍ୟା ନିୟନ୍ତ୍ରଣ ହୋଇପାରିଲା ନାହିଁ, ଏବେ ସ୍ପିଲ ୱେ ନିର୍ମାଣ ଏକ ଗୁପ୍ତ ଏଜେଣ୍ଡାର ସ୍ୱରୂପ ଅଟେ ବୋଲି ଆଶଙ୍କା କରିଛନ୍ତି। ଡ୍ୟାମ୍‌ର ନିରାପତ୍ତା ପ୍ରତି ସମସ୍ୟା ଦେଖାଗଲାଣି ବୋଲି କହିଛନ୍ତି।